# NATIONAL NEWS BULLETIN (ODIA)

**16 May - 2025**

**Morning Bulletin : 7.15 A.M.**

*************************************************

## ମୁଖ୍ୟ ସମ୍ବାଦ

- ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ବୋଲି ଜାତିସଂଘର ରିପୋର୍ଟ ।

- ଆତଙ୍କବାଦର ବିରୋଧ କରିବା କ୍ଷେତ୍ରରେ ନୂଆ ମାଇଲ୍ ଖୁଣ୍ଟ ସ୍ଥାପନ କରିଛି ଭାରତ, କହିଲେ ଉପରାଷ୍ଟ୍ରପତି ।

- ପଳାତକ ଘୋଷିତ ନିରବ ମୋଦିଙ୍କ ଜାମିନ୍ ଆବେଦନ ଖାରଜ କଲେ ଲଣ୍ଡନର ଏକ କୋର୍ଟ୍ ।

- ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ପ୍ରତ୍ୟାଖାନ କଲେ ବୈଦେଶିକ ମନ୍ତ୍ରୀ ।

ଏବଂ

- ଇଂଲଣ୍ଡ ଗସ୍ତ ଲାଗି ମହିଳା କ୍ରିକେଟ୍ ଦଳ ଘୋଷଣା କଲା ବିସିସିଆଇ ।

## ୟୁଏନ୍ ଡବ୍ଲ୍ୟୁଇଏସ୍‌ପି ରିପୋର୍ଟ

ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ବୋଲି ଜାତିସଂଘ କହିଛି । ଜାତିସଂଘର ବିଶ୍ୱ ଅର୍ଥନୈତିକ ସ୍ଥିତି ଏବଂ ସମ୍ଭାବନାର ମଧ୍ୟ ବାର୍ଷିକ ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬ ଦଶମିକ୍ ୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି ।

ଜାତିସଂଘର ବରିଷ୍ଠ ଅର୍ଥନୀତିଜ୍ଞ ଇନଗୋ ପିଟରଲେ କହିଛନ୍ତି, ସାର୍ବଜନୀନ ନିବେଶ ଏବଂ ଖର୍ଚ୍ଚ ଦ୍ୱାରା ଏହି ବୃଦ୍ଧି ଘଟିବାର ସମ୍ଭାବନା ରହିଛି । ରିପୋର୍ଟ ଅନୁଯାୟୀ ଭାରତର ଅଭିବୃଦ୍ଧି ଆସନ୍ତା ବର୍ଷ ୬ ଦଶମିକ୍ ୪ ପ୍ରତିଶତ ପାଖାପାଖି ରହିବ । ୨୦୨୫ରେ ବିଶ୍ୱ ଅଭିବୃଦ୍ଧି ୨ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ପାଇବା ନେଇ ଅନୁମାନ କରାଯାଇଛି, ଯାହା ଏକ ଦୁର୍ବଳ ମାନଦଣ୍ଡକୁ ସୂଚିତ କରୁଛି । ରିପୋର୍ଟରେ କୁହାଯାଇଛି, ୨୦୨୪ରୁ ୨୦୨୫ ପର୍ଯ୍ୟନ୍ତ ମୁଦ୍ରାସ୍ଫିତିହାର ୪ ଦଶମିକ୍ ୯ରୁ ୪ ଦଶମିକ୍ ୩କୁ ହ୍ରାସ ପାଇବ ।

## ଜୟପୁର-ଜଗଦୀପ ଧନଖଡ଼

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଭାରତ ଆତଙ୍କବାଦକୁ ବିରୋଧ କରିବା କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି । ସେ କହିଛନ୍ତି, ବର୍ତ୍ତମାନର ବିଶ୍ୱରେ ଆତଙ୍କବାଦ କୌଣସି ଗୋଟିଏ ଦେଶର ସମସ୍ୟା ନୁହେଁ ବରଂ ଏହା ବିଶ୍ୱ ସୁରକ୍ଷା ପ୍ରତି ବିପଦ ପାଲଟିଛି । ଗତ

ସନ୍ଧ୍ୟାରେ ଜୟପୁରରେ ଭୈରବ ସିଂହ ଶେଖାୱତ ସ୍ମୃତି ପୁସ୍ତକାଳୟକୁ ଉଦ୍‌ଘାଟନ କରିବା ଅବସରରେ ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଭାରତ ପ୍ରଥମଥର ଜୈସ୍-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଏବା ଶିବିର ଉପରେ ଆକ୍ରମଣ କରିଛି ଏବଂ ଆନ୍ତର୍ଜାତିକ ସୀମା ଅତିକ୍ରମ କରି ସେଗୁଡ଼ିକ ଧ୍ୱଂସ କରିଛି । ସେ କହିଛନ୍ତି, ଏହା ଭାରତର ଦ୍ରୁତ ବିକଶିତ ଶକ୍ତି ଏବଂ ସାମର୍ଥ୍ୟକୁ ଦର୍ଶାଉଛି ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଉଭୟ ସାମରିକ ଏବଂ କୂଟନୈତିକ ସ୍ତରରେ ବିଜୟ ଲାଭ କରିଛି ବୋଲି ସେ କହିଛନ୍ତି ।

**V/O**

# ଜୟଶଙ୍କର ହଣ୍ଡୁରାସ୍

ଗତ ତିନି ଦଶନ୍ଧି ମଧ୍ୟରେ ଭାରତ ଏବଂ ହଣ୍ଡୁରାସ୍ ମଧ୍ୟରେ ଆର୍ଥିକ ସମ୍ପର୍କ ବୃଦ୍ଧି ପାଇଛି ବୋଲି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୩୦୦ ନିୟୁତ ଡଲାର୍‌ରୁ ଅଧିକ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ ହଣ୍ଡୁରାସ୍ ଦୂତାବାସର ଉଦ୍‌ଘାଟନୀ ଅବସରରେ ଯୋଗଦେଇ ଶ୍ରୀ ଜୟଶଙ୍କର ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ସଂଗଠିତ ଆତଙ୍କବାଦୀମାନଙ୍କ  କାପୁରୁଷ ଆକ୍ରମଣ ପରେ ଭାରତ ସପକ୍ଷରେ ବିବୃତ୍ତି ଜାରି କରିଥିବା ନେଇ ସେ ହଣ୍ଡୁରାସ୍‌କୁ ପ୍ରଶଂସା କରିଛନ୍ତି ।

ନୂଆଦିଲ୍ଲୀରେ ହଣ୍ଡୁରାସ୍‌ର ଦୂତାବାସ ଖୋଲିବା ପରେ ବାଣିଜ୍ୟ ପ୍ରୋତ୍ସାହନକୁ ସୁଗମ କରିବାରେ ଏହା ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି । ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କ, ବାଣିଜ୍ୟ ନିବେଶ ଏବଂ ବୈଶୟିକ ସହଯୋଗ ସୁଦୃଢ଼ ହେବ ବୋଲି ସେ ଆଶାପ୍ରକଟ କରିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଔଷଧ, ବୟନଶିଳ୍ପ, ଅଟୋ ମୋବାଇଲ୍ ଏବଂ ଯନ୍ତ୍ରପାତି ଆଦିକୁ ନେଇ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ରହିଛି । ତେବେ ଭାରତ ହଣ୍ଡୁରାସ୍‌ଠାରୁ କଫି, କାଠ ଏବଂ ଚମଡ଼ା ଆଦି ଆମଦାନି କରିଥାଏ । ଭାରତ ଏବଂ ହଣ୍ଡୁରାସ୍ ବର୍ତ୍ତମାନ ବିପର୍ଯ୍ୟୟ ପ୍ରସମନ କରିବା ପାଇଁ ନୂତନ ପ୍ରଣାଳୀ ବାହାର କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଡକ୍ଟର ଜୟଶଙ୍କର ତାଙ୍କ ହଣ୍ଡୁରାସ୍ ପ୍ରତିପକ୍ଷ ଏଡୁଆର୍ଡୋ ଏନେରିକ୍ ରେଁନା ଗାର୍ସିଆଙ୍କ ସହ ହଣ୍ଡୁରାସ୍ ଦୂତାବାସକୁ ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି ।

## ନିରବ ମୋଦି ବେଲ୍ ରିଜିକ୍ଟେଡ୍

ଲଣ୍ଡନ ସ୍ଥିତ ଏକ କୋର୍ଟ୍ ପଳାତକ ଘୋଷିତ ନିରବ ମୋଦିଙ୍କ ନୂଆ ଜାମିନ୍ ଆବେଦନକୁ ଅଗ୍ରାହ୍ୟ କରିଛନ୍ତି । ଗତକାଲି ଏହି ବେଲ୍ ପିଟିସ୍ ପ୍ରତ୍ୟାଖ୍ୟାନ କରାଯାଇଥିବା ସୂଚନା ମିଳିଛି । ଭାରତର ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍‌ରୁ ୧୩ ହଜାର କୋଟି ଟଙ୍କାର ଠକେଇ କରିଥିବା ନିରବ ମୋଦି ଏବଂ ତାଙ୍କ ସମ୍ପର୍କୀୟ ମେହୁଲ ଚୋକ୍‌ସି ଲଣ୍ଡନରେ ଜେଲ୍‌ରେ ଅଛନ୍ତି । ଗତକାଲି ନିରବ ମୋଦି  ସେଠାକାର ଏକ କୋର୍ଟ୍‌ରେ ଭାରତକୁ ପ୍ରତ୍ୟର୍ପଣ ଲାଗି ବେଲ୍

ଆବେଦନର ବିଚାର ପାଇଁ ଅନୁରୋଧ କରିଥିଲେ । ବେଲ୍ ଆବେଦନକୁ ଭାରତର ସି.ବି.ଆଇ. ପକ୍ଷରୁ ଲଢୁଥିବା ଓକିଲ ତୀବ୍ର ବିରୋଧ କରିଥିଲେ ।

## ଜୟଶଙ୍କର-ପାକ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଇସଲାମାବାଦ ସହିତ ଯେକୌଣସି କଥାବାର୍ତ୍ତା ଦ୍ୱିପାକ୍ଷିକ ସ୍ତରରେ ହେବ ବୋଲି ସେ ପୁନର୍ବାର କହିଛନ୍ତି । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହିତ ଆଲୋଚନା କରିବାକୁ ବାକି ଥିବା ଏକମାତ୍ର ବିଷୟ ହେଉଛି, ପାକ୍ ଅଧିକୃତ କାଶ୍ମୀରରେ ବେଆଇନ୍ ଭାବେ ଅଧିକୃତ କରାଯାଇଥିବା ଅଞ୍ଚଳକୁ ପାକିସ୍ତାନକୁ ଖାଲି କରିବାକୁ ପଡ଼ିବ । ବର୍ଷ ବର୍ଷ ଧରି ଜାତୀୟ ସହମତି ଏବଂ ଭାରତର ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନ ସହିତ ଆଲୋଚନା’ କେବଳ ଆତଙ୍କବାଦ ଉପରେ ହିଁ ସୀମିତ ରହିବ ବୋଲି ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ପାଖରେ ଯେଉଁ ଆତଙ୍କବାଦୀମାନଙ୍କ ତାଲିକା ରହିଛି ତାହାକୁ ଭାରତକୁ ହସ୍ତାନ୍ତର କରିବାକୁ ପଡ଼ିବ ଏବଂ ଆତଙ୍କବାଦୀ ଭିତ୍ତିଭୂମିକୁ ତାକୁ ନଷ୍ଟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ଉଭୟ ଦେଶ ମଧ୍ୟରେ ଗୁଳି ବିନିମୟ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ସମ୍ପର୍କରେ ଶ୍ରୀ ଜୟଶଙ୍କର କହିଛନ୍ତି, ନୂଆଦିଲ୍ଲୀ ଇସ୍‌ଲାମାବାଦକୁ ତାର ବାର୍ତ୍ତା ପଠାଇଛି ଯେ କେବଳ ଆତଙ୍କବାଦ ଭିତ୍ତିଭୂମିକୁ ଭାରତ ଲକ୍ଷ୍ୟ କରୁଛି ଏବଂ ପାକ୍ ସେନାକୁ ଏଥିରେ ହସ୍ତକ୍ଷେପ ନ କରିବାକୁ କହିଛି । ପାକିସ୍ତାନ ଏହି ପରାମର୍ଶକୁ ଅଣଦେଖା କରୁଛି ବୋଲି ସେ କହିଛନ୍ତି ।

ଗତ ୧୦ ତାରିଖ ଦିନ ସକାଳେ ପାକିସ୍ତାନ ଭାରତର ଆକ୍ରମଣ ପରିପ୍ରେକ୍ଷୀରେ ଅଧିକ କ୍ଷତିଗ୍ରସ୍ତ ହେବା ପରେ ଗୁଳି ବିନିମୟ ବନ୍ଦ କରିବାକୁ କିଏ ଇଚ୍ଛା ପ୍ରକାଶ କରୁଥିଲା ତାହା ସ୍ପଷ୍ଟ ହୋଇଛି ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ପାକିସ୍ତାନ ଦ୍ୱାରା ସୀମାପାର ଆତଙ୍କବାଦ ବିଶ୍ୱସନୀୟ ଏବଂ ଅପରିବର୍ତ୍ତନୀୟ ଭାବରେ ବନ୍ଦ ନ ହେବା ପର୍ଯ୍ୟନ୍ତ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ଅପର ପକ୍ଷରେ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କ ବିଷୟରେ ଆଲୋଚନା ଚାଲିଛି ଏବଂ ଯେକୌଣସି ବାଣିଜ୍ୟ ଚୁକ୍ତି ପାରସ୍ପରିକ ମଧ୍ୟରେ ଲାଭଦାୟକ ହେବ ସେ ଦୃଷ୍ଟିରୁ ଉଭୟ ଦେଶ କାର୍ଯ୍ୟ କରିବେ ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଆରମ୍ଭ ହେବା ପୂର୍ବରୁ ଏ ପ୍ରସଙ୍ଗରେ ଅଧିକ କିଛି କହିହେବ ନାହିଁ ବୋଲି ସେ କହିଛନ୍ତି ।

# ମାନସରୋବର ଯାତ୍ରା

ଚଳିତ ବର୍ଷର କୈଳାସ ମାନସରୋବର ଯାତ୍ରା ଆରମ୍ଭ ହୋଇଛି । ନେପାଳର ସିମ୍‌କୋର୍ଟ୍ ଦେଇ ତିନୋଟି ଦେଶର ତୀର୍ଥ ଯାତ୍ରୀମାନେ ଯାତ୍ରା ଆରମ୍ଭ କରିଛନ୍ତି । ହିନ୍ଦୁ, ବୌଦ୍ଧ ଏବଂ ଜୈନ ଧର୍ମାବଲମ୍ବି ଲୋକମାନଙ୍କ ପାଇଁ ଉଭୟ କୈଳାସ ପର୍ବତ ଓ ମାନସରୋବର ହ୍ରଦ ପରିଦର୍ଶନ କରିବା ପବିତ୍ର ବୋଲି ଗ୍ରହଣ କରାଯାଇଥାଏ । ଚଳିତ ଋତୁରେ ତିନି ଜଣ ବ୍ରିଟିଶ୍ ନାଗରିକ ମାନସରୋବର ଯାତ୍ରା ପାଇଁ ବାହାରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତରେ ମାନସରୋବର ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି । ଆସନ୍ତା ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଏହା ଆରମ୍ଭ ହେବ ।

# ରୁଷ-ୟୁକ୍ରେନ୍ ପିସ୍ ଟକ୍

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନ୍‌ସ୍କି ଇସ୍ତାନାବୁଲ୍‌ରେ ରୁଷ ସହିତ ହେବାକୁ ଥିବା ଶାନ୍ତି କଥାବାର୍ତ୍ତାରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରିଛନ୍ତି । ଶାନ୍ତି ଆଲୋଚନାରେ ଭାଗ ନେବା ଲାଗି ୟୁକ୍ରେନ୍ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତମ ଉମେରଭ୍‌ଙ୍କ ନେତୃତ୍ୱରେ ଏକ ଦଳ ପଠାଯିବ । ଗତକାଲି ଅଙ୍କାରାରେ ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି, ୟୁକ୍ରେନ୍ ସବୁ ସମୟରେ ଆଲୋଚନା କରିବା ପାଇଁ ପ୍ରସ୍ତୁତ ରହିଛି । କିନ୍ତୁ ରୁଷର ମନଭାବ ଜାଣିବା କଷ୍ଟକର ବୋଲି ସେ କହିଛନ୍ତି । ଏହି ଆଲୋଚନାରେ ମୁଖ୍ୟ ନୀତି ନିର୍ଦ୍ଧାରକମାନଙ୍କ ଅନୁପସ୍ଥିତି ନେଇ ସେ ପ୍ରଶ୍ନ କରିଛନ୍ତି ।

ଆମେରିକା ସଚିବ ମାର୍କ ରୁବିଓ କହିଛନ୍ତି, ସେ ମଧ୍ୟ ଏହି ଶାନ୍ତି ଆଲୋଚନାରେ ଭାଗ ନେବେ ନାହିଁ । ସେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସାକ୍ଷାତ ପରେ କୌଣସି ଆଖିଦୃଶିଆ ଉନ୍ନତି ଘଟିନାହିଁ ।

ଏହି ଆଲୋଚନାରେ ଭାଗ ନ ନେବା ଲାଗି ପୂର୍ବରୁ ରୁଷ ରାଷ୍ଟ୍ରପତି ଘୋଷଣା କରିସାରିଛନ୍ତି । ରୁଷର ଏକ ପ୍ରତିନିଧି ମଣ୍ଡଳୀ ଏହି ଆଲୋଚନାରେ ଭାଗ ନେବ । ଆଜି କୌଣସି ଏକ ନିଷ୍କର୍ଷରେ ପହଞ୍ଚିବା ନେଇ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି ବୋଲି କୁହାଯାଇଛି । ୟୁକ୍ରେନ୍ ଏବଂ ରୁଷ ମଧ୍ୟରେ ୨୦୨୨ରୁ ଆରମ୍ଭ ହୋଇଥିବା ଯୁଦ୍ଧକୁ ନେଇ ଇସ୍ତାନବୁଲ ଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ କରି ଆସୁଛି ।

## ୱିମେନ୍ସ କ୍ରିକେଟ୍- ଇଂଲଣ୍ଡ ଟୁର୍

ଭାରତୀୟ କ୍ରିକେଟ୍ କର୍ଣ୍ଣୋଟଲ୍ ବୋର୍ଡ୍ ବି.ସି.ସି.ଆଇ. ଆସନ୍ତା ଇଂଲଣ୍ଡ ଗସ୍ତ ଲାଗି ମହିଳା କ୍ରିକେଟ୍ ଦଳ ଘୋଷଣା କରିଛି । ଆସନ୍ତା ଜୁନ୍ ୨୮ରୁ ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସିରିଜ୍ ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳ ଇଂଲଣ୍ଡ ଗସ୍ତ କରିବ । ଏଥିରେ ୫ଟି ଟି-ଟ୍ୱେଣ୍ଟି ଏବଂ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ । ଭାରତୀୟ ମହିଳା କ୍ରିକେଟ୍ ଦଳର ସମସ୍ତ ପ୍ରକାର କ୍ରିକେଟ୍ ମ୍ୟାଚ୍ ପାଇଁ ହର୍‌ମନପ୍ରୀତ କୌରଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ସ୍ମୃତି ମନ୍ଧାନା ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ ।

୧୫ ଜଣିଆ ଟି-ଟ୍ୱେଣ୍ଟି ଟିମ୍‌ରେ ସେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦିପ୍ତୀ ଶର୍ମା, ରିଚା ଘୋଷ ଓ ୟାସ୍ତିକା ଭାଟିଆ ସାମିଲ ଅଛନ୍ତି । ଦିନିକିଆ ପାଇଁ ଏକ ୧୬ ଜଣିଆ ଦଳ ଘୋଷଣା କରାଯାଇଛି । ଟି-ଟ୍ୱେଣ୍ଟି ଖେଳାଳିଙ୍କ ବ୍ୟତୀତ ଦିନିକିଆ ଦଳରେ ପ୍ରତୀକ ରାଓ୍ୱଲ୍ ଏବଂ ତେଜଲ ହାସ୍‌ବିନ୍ସ ସାମିଲ ହୋଇଛନ୍ତି । ଏହି ସିରିଜ୍‌ରେ ଜୁନ୍ ୨୮ ତାରିଖରେ ବ୍ରିଷ୍ଟଲ୍‌ରେ ପ୍ରଥମ ମ୍ୟାଚ୍ ଖେଳାଯିବ ।

## ନିରଜ ଚୋପ୍ରା-ଜାଭଲିନ୍

କତାରର ଦୋହାରେ ଆଜିଠାରୁ ଆରମ୍ଭ ହେଉଥିବା ଡାଇମଣ୍ଡ ଲିଗ୍ ଜାଭଲିନ୍ ପ୍ରତିଯୋଗିତାରେ ଭାରତର ଦୁଇଥରର ଅଲିମ୍ପିକ୍ ବିଜେତା ନିରଜ ଚୋପ୍ରା ଅଂଶଗ୍ରହଣ କରିବେ । ୨୦୨୫ ଏନ୍.ସି. କ୍ଲାସିକ୍ ପ୍ରତିଯୋଗିତା ବାତିଲ ହେବା ପରେ ନିରଜ ଏହି ପ୍ରତିଯୋଗିତାରେ  ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି ।

## ଥାଇଲାଣ୍ଡ ଓପନ ୨୦୨୫

ଥାଇଲାଣ୍ଡ ବ୍ୟାଡ୍‌ମିଣ୍ଟନ୍ ଓପନ୍ ୨୦୨୫ରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ବିଫଳ ହୋଇଛନ୍ତି । ମହିଳା ଡବଲ୍ସ ଯୋଡ଼ି ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ବି.ଡବ୍ଲ୍ୟୁ.ଏଫ୍. ସୁପର ୫୦୦ ପ୍ରତିଯୋଗିତାର ଦ୍ୱିତୀୟ

ରାଉଣ୍ଡରେ ପରାସ୍ତ ହୋଇଛନ୍ତି । ପରାସ୍ତ ହେବା ପରେ ପ୍ରତିଯୋଗିତାରୁ ଭାରତର ପ୍ରତିନିଧିତ୍ୱ ଶେଷ ହୋଇଛି । ଗତକାଲି ମହିଳା ସିଙ୍ଗଲ୍ସ ବର୍ଗରେ ଉନ୍ନତି ହୁଡ୍ଡା ୨୧-୧୪, ୨୧-୧୧ ସେଟ୍‌ରେ ବିଶ୍ୱର ୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ପୋର୍ଣ୍ଣପୱି ଚୋଚୁଅଙ୍ଗଙ୍କ ଠାରୁ ପରାସ୍ତ ହୋଇଥିଲେ ।